ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର
Housing & Urban Development Department, Govt. of Odisha
**ଜଟଣୀ ପୌର ପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL: JATANI**
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail – municipalityjatni@gmail.com, Phone. No. 0674- 2490826

# ବିଜ୍ଞାପନ

## ସମ୍ପଦ କେନ୍ଦ୍ର (MCC- I) ର ପରିଚାଳନା ନିମନ୍ତେ
## ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)

ସଂଖ୍ୟା : ୪୧୩୨ — ତାରିଖ : ୧୩.୦୯.୨୦୨୫

**ଜଟଣୀ ପୌର ପରିଷଦ, ଜଟଣୀ** ୨୦୨୫- ୨୦୨୭ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା **ସମ୍ପଦ କେନ୍ଦ୍ର (MCC-I)** ର ପରିଚାଳନା ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି। ଏହି ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) **ଜଟଣୀ ପୌର ପରିଷଦ, ଜଟଣୀ,** ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୫୦ ଠିକଣାରେ ରେଜିଷ୍ଟର୍ଡ଼/ସ୍ପୀଡ଼ ପୋଷ୍ଟ ଜରିଆରେ କିମ୍ବା **ଜଟଣୀ ପୌର ପରିଷଦ** କାର୍ଯ୍ୟାଳୟରେ **ତା ୨୩ /୦୯/୨୦୨୫ ରିଖ, ପୂର୍ବାହ୍ନ ୧୧.00 ଘଟିକା** ସୁଦ୍ଧା ଦାଖଲ କରିପାରିବେ ।

ଟେକ୍ନିକାଲ୍ ବିଡ୍ **ଜଟଣୀ ପୌର ପରିଷଦ** ସଭାଗୃହରେ **ତା ୨୩ /୦୯/୨୦୨୫ ରିଖ, ମଧ୍ୟାହ୍ନ ୧.00 ଘଟିକା** ରେ ଖୋଲାଯିବ। ମୁଦା ଲଫାଫା ଉପରେ "୨ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପଦ କେନ୍ଦ୍ର (MCC-I) ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)" ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ। ଏହି ଅଭିବ୍ୟକ୍ତି ପ୍ରକାଶନ ର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍ ସାଇଟ୍ ରେ ମିଳିପାରିବ।

ୱେବ୍ ସାଇଟ୍ : www.jatnimunicipality.in

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

**ପରିପତ୍ର ସଂଖ୍ୟା :** ୪୧୩୩ — **ତାରିଖ:** ୧୩.୦୯.୨୦୨୫

ଏହାର ଏକକିତା ନକଲ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କୁ ଏକ ବହୁଳ ପ୍ରସାରିତ ଦୈନିକ ଓଡିଆ ଖବର କାଗଜରେ ପ୍ରକାଶନ ପାଇଁ ଅନୁରୋଧ କରାଗଲା । ଏହାର ମୂଲ୍ୟ ବିଭାଗର ନିର୍ଦ୍ଧାରିତ ମୂଲ୍ୟରେ ହେବା ଉଚିତ୍ ।

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

**ପରିପତ୍ର ସଂଖ୍ୟା :** ୪୧୩୮ — **ତାରିଖ:** ୧୩.୦୯.୨୦୨୫

ଏହି ବିଜ୍ଞପ୍ତିର ଏକକିତା ନକଲ **ଜଟଣୀ ପୌର ପରିଷଦ** କାର୍ଯ୍ୟାଳୟ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା।

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

Scanned with OKEN Scanner

**ପରିପତ୍ର ସଂଖ୍ୟା :** ୪୧୩୯ **ତାରିଖ:** ୧୩.୦୯.୨୦୨୫

ଏହାର ଏକକିତା ନକଲ ପୌରଧକ୍ଷ, ଉପାଧକ୍ଷା ଏବଂ ସମସ୍ତ ସଭ୍ୟ/ସଭ୍ୟା, ଜଟଣୀ ପୌର ପରିଷଦ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା |

13/09/25

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

**ପରିପତ୍ର ସଂଖ୍ୟା :** ୪୧୮୦ **ତାରିଖ:** ୧୩.୦୯.୨୦୨୫

ଏହାର ଏକକିତା ନକଲ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା |

13/09/25

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

**ପରିପତ୍ର ସଂଖ୍ୟା :** ୪୧୮୧ **ତାରିଖ:** ୧୩.୦୯.୨୦୨୫

ଏହାର ଏକକିତା ନକଲ ପୌର ପ୍ରଶାସନ ନିର୍ଦ୍ଦେଶକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା |

13/09/25

**ନିର୍ବାହୀ ଅଧିକାରୀ**
**ଜଟଣୀ ପୌର ପରିଷଦ**

Scanned with OKEN Scanner

# ସଂମ୍ପଦ କେନ୍ଦ୍ର (MCC-I) ର ପରିଚାଳନା ନିମନ୍ତେ ନିମନ୍ତେ ସନ୍ଦର୍ଭ ଓ ସର୍ତ୍ତାବଳୀ ( ଟର୍ମ୍ସ ଆଣ୍ଡ ରେଫରେନ୍ସ )

୧. ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)ର ଶେଷ **ତା ୨୩ /୦୯/୨୦୨୫ ରିଖ, ପୂର୍ବାହ୍ନ ୧୧.00 ଘଟିକା** ଧାର୍ଯ୍ୟ ହୋଇଛି ଓ ଟେକ୍ନିକାଲ୍ ବିଡ୍ **ଜଟଣୀ ପୌର ପରିଷଦ** ସଭାଗୃହରେ **ତା ୨୩ /୦୯/୨୦୨୫ ରିଖ, ମଧାହ୍ନ ୧.00 ଘଟିକା** ରେ ଖୋଲାଯିବ ବୋଲି ସ୍ଥିର କରାଯାଇଛି।

୨. ଏଥି ନିମନ୍ତେ ଆଗ୍ରହୀ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମୂହ ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)ର ସମସ୍ତ ଦସ୍ତାବିଜ୍ **ଜଟଣୀ ପୌର ପରିଷଦ** ୱେବ୍ ସାଇଟ୍ (www.jatnimunicipality.in) ରୁ ଡାଉନଲୋଡ୍ କରିପାରିବେ।

୩. ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଦାଖଲ କରିବାର ଶେଷ ତାରିଖ ଠାରୁ ୯୦ ଦିନ ପର୍ଯ୍ୟନ୍ତ ବୈଧ ରହିବ।

୪. ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଖୋଲାଯିବା ସମୟରେ ବିଡ୍ ରେ ଅଂଶଗ୍ରହଣ କରିଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି ଉପସ୍ଥିତ ରହିବେ। ସମ୍ପୃକ୍ତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିଙ୍କ ଅନୁପସ୍ଥିତିରେ କମିଟି ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ (ଇ.ଓ.ଆଇ) କୁ ଖୋଲି ପାରିବେ।

୫. ଏହି ଉଦ୍ଦେଶ୍ୟରେ ଗଠିତ ଏକ କମିଟି ଦ୍ୱାରା ବିଭିନ୍ନ ପରିମାପକ ଯଥା ଗୋଷ୍ଠୀ ଗଠନର ବର୍ଷ, ଗୋଷ୍ଠୀର ପରିଚାଳନା, ପ୍ୟାନ୍, ଆୟକାରୀ କାର୍ଯ୍ୟବିଧିରେ ଅଂଶଗ୍ରହଣ, ଆର୍ଥିକ ବ୍ୟବହାର, ଦଳଗତ ନିଷ୍ଠା ଓ ସାଧୁତା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମୂଲ୍ୟାୟନ କରାଯିବ ଏବଂ ଏ ସମ୍ପର୍କରେ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଗ୍ରହଣ କରାଯିବ। ଅନ୍ୟ କୌଣସି ବି କ୍ଷେତ୍ରରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ ହେବ ନାହିଁ ଓ ଏ ସମ୍ପର୍କରେ ଆବେଦନକାରୀ ଅଣ୍ଡରଟେକିଙ୍ଗ୍ ଲେଖି କରି ଦେବେ।

୬. ବିଡ୍ ରେ ଅଂଶଗ୍ରହଣ କରିଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପୂର୍ବ ରେକର୍ଡ଼ ତଥା ବିଶ୍ୱସନୀୟତା ରେ ଅସନ୍ତୋଷ କ୍ଷେତ୍ରରେ **ଜଟଣୀ ପୌର ପରିଷଦ** ର ପ୍ରତିନିଧି ରୂପେ ଆୟୁକ୍ତ ସମ୍ପୃକ୍ତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ବିଡ୍ ଆବେଦନ ଖାରଜ କରି ପାରିବେ।

୭. କମିଟିର ନିଷ୍ପତ୍ତି ସମ୍ପର୍କରେ କୌଣସି ଅଭିଯୋଗ ଟେଲିଫୋନ୍ ,ଫ୍ୟାକ୍ସ, ଇ ମେଲ୍ ଅଥବା ବ୍ୟକ୍ତିଗତ ସାକ୍ଷାତରେ ଗ୍ରହଣୀୟ ହେବନାହିଁ।

୮. ସେବାର ଗୁଣବତ୍ତା ସଂକ୍ରାନ୍ତ ରେ କୌଣସି ବିବାଦ ଉପୁଜିଲେ **ଜଟଣୀ ପୌର ପରିଷଦ** ର ପ୍ରାଧିକୃତ କର୍ମକର୍ତ୍ତାଙ୍କ ଦ୍ୱାରା ଯାଞ୍ଚ କରାଯିବ।

୯. ଅଗ୍ରୀମ ଅର୍ଥ ପ୍ରଦାନ ଅଥବା ସମୟ ସୀମା ନେଇ କୌଣସି ପ୍ରାକ୍ ସର୍ତ୍ତାବଳୀ ରହିବନାହିଁ କୌଣସି ପ୍ରାକ୍ ସର୍ତ୍ତାବଳୀ ବିନା ପ୍ରଦତ୍ତ ବିଡ୍ କୁ ଚୂଡ଼ାନ୍ତ ରୂପେ ଗ୍ରହଣ କରାଯିବ।

୧୦. **ସମ୍ପଦ କେନ୍ଦ୍ର (MCC-I)** ପରିଚାଳନା ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ବିଡ୍ ରେ ପ୍ରଦତ୍ତ ଅବଧି ପରବର୍ତ୍ତୀ ଦୁଇ ବର୍ଷ ନିମନ୍ତେ ତାଲିକାଭୁକ୍ତ (ଏମ୍ପ୍ୟାନେଲ୍ଡ଼) ରହିବେ । **ଜଟଣୀ ପୌର ପରିଷଦ** ଦ୍ୱାରା ସମ୍ପୃକ୍ତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମୂଲ୍ୟାୟନ ସନ୍ତୋଷଜନକ ହେଲେ ହିଁ ଚୁକ୍ତିର ଅବଧି ସମ୍ପ୍ରସାରିତ ହେବ।

୧୧. ନିମ୍ନୋକ୍ତ ଲେଖା ସହ ୧୦ ଟଙ୍କାର ନନ୍-ଜୁଡିସିଆଲ୍ ଷ୍ଟାମ୍ପ ପେପର୍ ରେ ଏକ ଅଣ୍ଡରଟେକିଙ୍ଗ୍ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ବିଡ୍ ରେ ସଂଲଗ୍ନ କରି ଦେବେ।

Scanned with OKEN Scanner

➢ (ଗୋଷ୍ଠୀର ନାମ) **ଜଟଣୀ ପୌର ପରିଷଦ** ର **ସଂମ୍ପଦ କେନ୍ଦ୍ରର ପରିଚାଳନା** ଦାୟିତ୍ୱ ରେ ରହିବେ।

➢ ଆମର ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଗୋଷ୍ଠୀର ନାମ) ୱାର୍ଡ଼ ନଂ ------ ରେ କାର୍ଯ୍ୟ କରୁଅଛି।

➢ (ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଅଥବା ସଦସ୍ୟଙ୍କ ନାମ) କୌଣସି ବ୍ୟାଙ୍କ ଅଥବା ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥା ଦ୍ୱାରା ପ୍ରଦତ୍ତ ଋଣ ପରିଶୋଧ କରିବାରେ ଖିଲାଫ କରିନାହାନ୍ତି।

➢ ଆମେ (ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାମ) କୌଣସି ପୂର୍ବବର୍ତ୍ତୀ ଦାୟିତ୍ୱ ତୁଲାଇବା ସମୟରେ କଳା ତାଲିକାଭୁକ୍ତ ହୋଇନାହୁଁ।

➢ ଆମେ (ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାମ) **ଜଟଣୀ ପୌର ପରିଷଦ** ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା ଜ୍ଞାପନ ପତ୍ର (ମେମୋରାଣ୍ଡମ୍ ଅଫ୍ ଅଣ୍ଡରଷ୍ଟାଣ୍ଡିଂ)ର ସର୍ତ୍ତାବଳୀର ଅନୁପାଳନ କରିବୁ।

୧୨. କେବଳ ଯୋଗ୍ୟ ବିବେଚିତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉପରୋକ୍ତ ଦାୟିତ୍ୱ ତୁଲାଇବାକୁ ଦିଆଯିବ।

## ୧୩ . ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଯୋଗ୍ୟତା ପରିମାପକ

| କ୍ରମ.ସଂ | ମାନଦଣ୍ଡ | ଯୋଗ୍ୟତା ପରିମାପକ |
|---|---|---|
| ୧. | ଗୋଷ୍ଠୀ ଗଠନ | ୧. ୪. ୨୦୧୯ ସୁଦ୍ଧା ଗଠିତ ହୋଇଥିବ। |
| ୨. | ଗୋଷ୍ଠୀ ପରିଚାଳନା | ପଞ୍ଚ ସୂତ୍ରର କଠୋର ଅନୁପାଳନ କରାଯିବ (ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ବା ରେକର୍ଡ଼ ରଖିବା ଇତ୍ୟାଦି) |
| ୩. | ପ୍ୟାନ୍ | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ପରମାନେଣ୍ଟ ଆକାଉଣ୍ଟ ନମ୍ବର ଥିବା |
| ୪.. | ଆୟକାରୀ କାର୍ଯ୍ୟବିଧି | ମିଶନ୍ ଶକ୍ତି ଗୋଷ୍ଠୀ ପୂର୍ବରୁ ଆୟକାରୀ କାର୍ଯ୍ୟବିଧିରେ ଅଂଶଗ୍ରହଣ କରିଥିବେ। |
| ୫. | ଆର୍ଥିକ ବ୍ୟବହାର | କୌଣସି ଆର୍ଥିକ ଅନିୟମିତତା ଯଥା (ଋଣ ଏନ୍.ପି.ଏ, ରାଇଟ୍ ଅଫ୍ କିମ୍ବା ୱାନ୍ ଟାଇମ୍ ସେଟଲମେଣ୍ଟ ଘୋଷିତ ହୋଇନଥିବା |
| ୬. | ଦଳଗତ ନିଷ୍ଠା ଓ ସାଧୁତା | କୌଣସି ଅସାମାଜିକ କାର୍ଯ୍ୟ ଅଥବା ଅପରାଧରେ ଜଡ଼ିତ ନଥିବେ। |
| ୭. | ଯୋଗ୍ୟତା | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଏବଂ ସମ୍ପାଦିକା ଙ୍କ ମଧ୍ୟ ରୁ ଏକ ଜଣ ସଦସ୍ୟଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ତତଃପକ୍ଷେ 10th ଅଥବା ତଦୁର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। |
| ୮. | ଅବସ୍ଥିତି | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଅବସ୍ଥିତି ଜଟଣୀ ପୌର ପରିଷଦ ଅଞ୍ଚଳରେ ହୋଇଥିବା |

## ୧୪. ପ୍ରୋତ୍ସାହନ ଅର୍ଥ ରାଶି ଓ ଦେୟ ପ୍ରଦାନ

କ) ସରକାରଙ୍କ ନିୟମ ଅନୁଯାୟୀ ପ୍ଲାଣ୍ଟ ର ପରିଚାଳନା ଏବଂ ରକ୍ଷଣା ବେକ୍ଷଣ ଅର୍ଥ ରାଶି ସେମାଙ୍କର ଗୋଷ୍ଠି କୁ ପ୍ରଦାନ କରାଯିବ।

ଖ) ଏହା ବ୍ୟତୀତ କୌଣସି ଅତିରିକ୍ତ କାର୍ଯ୍ୟ ନିମନ୍ତେ କୌଣସି ଅତିରିକ୍ତ ଅର୍ଥ ପ୍ରଦାନ କରାଯିବ ନାହିଁ।

**କେଉଁ ମିଶନ୍ ଶକ୍ତି ଗୋଷ୍ଠୀ ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ୍ ପ୍ରଦାନ କରି ପାରିବେ ନାହିଁ ?**

- ଆହାର, ଛତୁଆ ଇତ୍ୟାଦି ପ୍ରସ୍ତୁତି ଏବଂ ପରିଚାଳନା କରୁଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟାନ୍ୟ କାମ ରେ ପୌରପରିଷଦ ଦ୍ୱାରା ନିଯୁକ୍ତି ଥିବା ଗୋଷ୍ଠି ଏ କ୍ଷେତ୍ରରେ ଅଭିବ୍ୟକ୍ତି ପ୍ରକାଶନ ବା ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ୍ ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ।

Scanned with OKEN Scanner

# ପରିଶିଷ୍ଟ-କ

ପ୍ରାପ୍ତେଷୁ,

**ନିର୍ବାହୀ ଅଧିକାରୀ,**
**ଜଟଣୀ ପୌର ପରିଷଦ, ଜଟଣୀ**

ବିଷୟ: ୱାର୍ଡ ସଂଖ୍ୟା-.....................ର **ସମ୍ପଦ କେନ୍ଦ୍ର (MCC-I)** ର ପରିଚାଳନା ନିମନ୍ତେ ଆବେଦନ ।

ମହାଶୟ,

ଏତଦ୍ୱାରା ଆପଣଙ୍କୁ ଜଣାଇ ଦେଉଛୁ କି, ଆମ୍ଭେ ______________________ ସ୍ୱୟଂ ସହାୟକ ଗୋଷ୍ଠୀ, ଠିକଣା:________________________________, ୱାର୍ଡ ସଂଖ୍ୟା:______, ଜଟଣୀ; ୱାର୍ଡ ସଂ ଖ୍ୟା- ________ର **ସମ୍ପଦ କେନ୍ଦ୍ର (MCC-I)** ର ପରିଚାଳନା ନିମନ୍ତେ ଦାୟିତ୍ୱ ନେବା ପାଇଁ ଇଚ୍ଛୁକ ଅଟୁ । ଏହା ପାଇଁ ଆବଶ୍ୟକ ସମସ୍ତ ଦସ୍ତାବିଜ ଆମ୍ଭେ ଏହି ଦରଖାସ୍ତ ସହିତ ସଂଲଗ୍ନ କରିଅଛୁ ।

**ସଙ୍କଳ୍ପନାମା:** ଆମ୍ଭେ ଘୋଷଣା କରୁଅଛୁକି ପ୍ରସ୍ତାବରେ ଦିଆଯାଇଥିବା ସମସ୍ତ ତଥ୍ୟ/ବିବୃତ୍ତି ନିର୍ଭୁଲ ଅଟେ । ଯଦି କୌଣସି ତଥ୍ୟ ଭୁଲ ପ୍ରମାଣିତ ହୁଏ, ତାହେଲେ ଆମ୍ଭେ ସଂମ୍ପଦ କେନ୍ଦ୍ରର ପରିଚାଳନା ପାଇଁ ଅଯୋଗ୍ୟ ବିବେଚିତ ହେବୁ ।

**ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:** **ସମ୍ପାଦିକାଙ୍କ ମୋହର ସହିତ**

**ସ୍ୱାକ୍ଷର:**

**ତାରିଖ:**

Scanned with OKEN Scanner